# Akashvani, Sambalpur

## SAMBALPURI NEWS EVENING BULLETIN

**13 October 2025- 7.02 pm- 7.12 pm.**

*********************************************

୧- ଜାତୀୟ ଶିକ୍ଷାନୀତି ଆଉ ସଂସ୍କୃତିର୍ ନେତୃତ୍ୱ ନେବା ଓଡ଼ିଶା- କହେଲେ ମୁଖ୍ୟମନ୍ତ୍ରୀ ।

୨- ବିକଶିତ୍ ଭାରତ୍ ବିଲ୍ଡାଥନ୍ ନୂଆଁ ବିଶ୍ୱର୍ ମୋଡ଼େଲ୍ ତିଆର୍ କର୍ବା କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୩- ନୂଆପଡ଼ା ଉପନିର୍ବାଚନ୍ ଲାଗି ବାହାର୍ଲା ବିଜ୍ଞପ୍ତି ।

- ମୁଳ୍ ହେଲା ନାମାଙ୍କନ୍ ଦାଖଲ୍ ପ୍ରକ୍ରିୟା ।

୪- ସମ୍ବଲ୍ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ନ ଉଦ୍ୟମିତା କେନ୍ଦ୍ର ଥାପ୍ନା ଲାଗି ଭାବା ଆଣବିକ ଗବେଷଣା କେନ୍ଦ୍ର ସଙ୍ଗେ ଚୁକ୍ତିନାମା ।

ଆଉର୍

୫- ରାଏଜ୍‌ରୁ ଆଏଜ୍‌ଠାନୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଫିର୍ବାର୍ ହେଲା ମୁଳ୍ ।

ମୁଖ୍ୟମନ୍ତ୍ରୀ-ଜାତୀୟ ଶିକ୍ଷାନୀତି ଆଲୋଚନାଚକ୍ର
ପୁରୀ/ ଭୁବ୍‌ନେଶ୍ୱର୍

ଓଡ଼ିଶା -ଭାରତୀୟ ଶିକ୍ଷା ଆଉ ସଂସ୍କୃତିର୍ ନେତୃତ୍ୱ ନେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଠାନେ ଆଏଜ୍ ହେଇଥିବା ରାଷ୍ଟ୍ରୀୟ ଶିକ୍ଷାନୀତି -୨୦୨୦ ବାବଦ୍ ଆଲୋଚନାଚକ୍ରଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ରାଷ୍ଟ୍ରୀୟ ଶିକ୍ଷାନୀତି -୨୦୨୦ ଭାରତ୍‌କେ ଜ୍ଞାନ୍‌ର ବିଶ୍ୱଶକ୍ତି ବନାବା । ନୂଆଁ ଶିକ୍ଷାନୀତି ଭାରତୀୟ ଚିନ୍ତନ୍ ଆଉ ଆଧୁନିକ୍ ଜ୍ଞାନ୍‌ର ସେତୁ ଆଏ । ଭାରତୀୟ ଜ୍ଞାନ୍ ପରମ୍ପରାର୍ ଆଧାର୍ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍....

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ କହିଛନ୍, ଜାତୀୟ ଶିକ୍ଷାନୀତି -୨୦୨୦ ଆଧାର୍‌ଥି ଇ ବଛର୍ ରାଏଜେ ୧୫ ହଜାର୍ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା । ଆଏବା ୩ ବଛର୍ ଭିତ୍‌ରେ ୪୫ ହଜାର୍ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ପୁରୀ ବୃନ୍ଦାବତୀ ନିବାସ୍‌କେ ଯାଇକରି ହବିଷ୍ୟାଳୀ କେନ୍ଦ୍ରର୍ ହବିଷ୍ୟାଳୀମାନ୍‌କର୍ ସାଙ୍ଗେ ଭିଲ୍ କଥାବାର୍ତ୍ତା ହେଇଥିଲେ ।

ବିକଶିତ୍ ଭାରତ୍ ବିଲ୍ଡାଥନ୍ ପିଆଇବି

ବିକଶିତ୍ ଭାରତ୍ ବିଲ୍ଡାଥନ୍ ନୂଆଁ ବିଶ୍ୱର୍ ମୋଡ଼େଲ୍ ତିଆର୍ କର୍‌ବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ଠାନେ ବିକଶିତ୍ ଭାରତ୍ ବିଲ୍ଡାଥନ୍ -୨୦୨୫ କେ ଆଏଜ୍ ଉଦ୍‌ଘାଟନ୍ କରିକରି ଶ୍ରୀ ପ୍ରଧାନ୍ କହିଛନ୍, ଛାତ୍ରଛାତ୍ରୀମାନେ ନୂଆଁ ଚିନ୍ତାଧାରା, କଳ୍ପନା ଆଉ ନୂଆଁ ସୃଜନ୍ ସହେତେ ବିଶ୍ୱ ଲାଗି ନୂଆଁ ଇତିହାସ୍ ଲେଖ୍‌ବେ । ଇତାର୍ ଜରିଏ ଦେଶର୍ ଯୁଆନ୍ ପିଢ଼ିକେ ଜାତୀୟ ବିକାଶ୍‌ର ଗୁଟେ ସକ୍ରିୟ ଅଂଶିଦାର୍ ହେବାର୍ ଲାଗି ପ୍ରେରଣା ମିଲ୍‌ବା । ଏକବିଂଶ ଶତାବ୍ଦୀ ହେଉଛେ ଜ୍ଞାନ ଆଧାରିତ୍ । ଭାରତ୍ ଇ ଜ୍ଞାନଭିତିକ ବିଶ୍ୱ ଅର୍ଥନୀତିର୍ ନେତୃତ୍ୱ ନେବାର୍‌କେ ଯାଉଛେ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ବିକଶିତ୍ ଭାରତ୍ ବିଲ୍ଡାଥନ୍ -୨୦୨୫ ଥି ଦେଶର୍ ୩ ଲାଖ୍ ନୁ ଅଏତ୍‌କା ବିଦ୍ୟାଳୟ ଆଉ ୨୫ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ଭାଗ୍ ନେଇଛନ୍ । ଶିକ୍ଷା ମନ୍ତ୍ରଣାଳୟର୍ ସ୍କୁଲ୍ ଶିକ୍ଷା ଆଉ ସ୍ୱାକ୍ଷରତା ବିଭାଗ୍ ତର୍‌ଫୁ ଅଟଲ୍ ଇନୋଭେସନ୍ ମିଶନ୍, ନୀତି ଆୟୋଗ୍ ଆଉ ଏଆଇସିଟିଇ ସହଯୋଗ୍‌ଥି ଇ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । ଇଥି ୬ ନୁ ୧୨ ଶ୍ରେଣୀତକ୍ ଛାତ୍ରଛାତ୍ରୀ ଜୁଡ଼ି ହେଇକରି ଭୋକାଲ୍ ଫର୍ ଲୋକାଲ୍, ଆତ୍ମନିର୍ଭର୍ ଭାରତ୍, ସ୍ୱଦେଶ ଆଉ ସମୃଦ୍ଧି

ବାଗିର୍ ୪ ଟା ବିଷୟବସ୍ତୁ ଉପ୍ରେ ନୂଆଁ ନୂଆଁ ଚିନ୍ତାଧାରା ସହେତେ ମୋଡ଼େଲ୍ ବନଉଛନ୍ ।

ନୂଆପଡ଼ା ଉପ ନିର୍ବାଚନ-୧ ନୂଆପଡ଼ା/ ଭୁବ୍‌ନେଶ୍ୱର

ନୂଆପଡ଼ା ଉପ ନିର୍ବାଚନ୍ ଲାଗି ଆଏଜ୍ ବିଜ୍ଞପ୍ତି ବାହାରିଛେ । ଇତାର୍‌ସହେତେ ଆଏଜ୍‌ଠାନୁ ନିର୍ବାଚନ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ମୁଲ୍ ହେଇଛେ । ଆଏଜ୍ ପହେଲା ଦିନେ ଝନେ ଭିଲ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ ନାଇଁ କରି । ଆଏଜ୍‌ଠାନୁ ଆଏବା ୨୦ ତାରିଖ୍‌ତକ୍ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ୍ କରିପାର୍‌ବେ । ଆଏବା ମାସର୍ ୧୧ ତାରିଖ୍ ଦିନ ମତଦାନ୍ ହେବା । ନଭେମ୍ବର୍ ୧୬ ତାରିଖ୍‌ତକ୍ ଫଲାଫଲ୍ ଘୋଷ୍‌ନା କରାଯିବା ବଲି ବିଜ୍ଞପ୍ତିଥି କୁହାଯାଇଛେ । ଉପ ନିର୍ବାଚନ୍ ଲାଗି କଂଗ୍ରେସ୍ ଘାସିରାମ୍ ମାଝୀଙ୍କୁ ପ୍ରାର୍ଥୀ ଘୋଷ୍‌ନା କରିଥିଲା ବେଲ୍‌କେ ବିଜେପି ଆଉ ବିଜେଡ଼ି ଏବ୍‌ତକ୍ ନିଜର୍ ପ୍ରାର୍ଥୀମାନ୍‌କର୍ ନାଁ ଘୋଷ୍‌ନା ନାଇଁ କର୍‌ବାର୍ ତାଏଲ୍ । ନୂଆପଡ଼ାର୍ ୩ ଶହ ୫୮ ଟା ବୁଥ୍ ନ ମତଦାନ୍ ହେବା ।

ସଖାଲର୍ ୭ ନୁ ଉପର୍‌ବେଲା ୫ ବଜେତକ୍ ଭୋଟ୍‌ଗ୍ରହଣ୍ କରାଯିବା । ମାତର୍‌କ ୪୭ ଟା ସମ୍ବେଦନ୍‌ଶୀଲ୍ ବୁଥ୍ ନ ସଖାଲର୍ ୭ ବଜେନୁ ଉପର୍‌ବେଲା ୪ ବଜେତକ୍ ମତଦାନ୍ କରାଯିବା ବଲି ବିଧାନ୍‌ସଭା ଉପନିର୍ବାଚନ୍ ରିଟର୍ଣ୍ଣିଂ ଅଧିକାରୀ ସୁର୍‌ମୀ ସୋରେନ୍ ସୂଚ୍‌ନା ଦେଇଛନ୍ । ଉପନିର୍ବ

।ଚନ୍ଥି ଦୁର୍ଗମ୍ ଇଲାକାର୍ ୮ ଟା ବୁଥ୍ ନ ଭୋଟର୍ଙ୍କର୍ ଯାତାୟାତ୍ ସୁବିଧା କର୍ବାର୍ ଲାଗି ହେଲିକେପ୍ଟର୍ ବେଭାର୍ କରାଯିବାର ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ କହିଛନ୍ । ଉପ ନିର୍ବାଚନ୍ ଲାଗି ରିଟର୍ଣ୍ଣିଂ ଅଧିକାରୀମାନ୍କର୍ କାର୍ଯ୍ୟାଲୟ ନ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯିବା ବଲି ଶ୍ରୀ ଗୋପାଲନ୍ କହିଛନ୍ ।

ନୂଆପଡ଼ା ଉପ ନିର୍ବାଚନ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଉପ ନିର୍ବାଚନ କେ ନେଇକରି ଜିଲ୍ଲାପାଲ୍ ସମ୍ମିଲନୀ କକ୍ଷ ଠାନେ ନିର୍ବାଚନ୍ ଦାୟିତ୍ୱଥି ଥିବା ଅଧିକାରୀମାନ୍କୁ ଆଏଜ୍ ଖାସ୍ ତାଲିମ୍ ଦିଆଯାଇଛେ । ଖାସ୍ କରି ଇଭିଏମ୍, ଭିଭିପାଟର ବ୍ୟବହାରିକ୍ ପରୀକ୍ଷଣ୍ ବାବ୍ଦେ ମାଷ୍ଟର୍ ଟ୍ରେନର୍ମାନେ ଅଧିକାରୀ ଆଉ କର୍ମଚାରୀମାନ୍କୁ ତାଲିମ୍ ଦେଇଛନ୍ । ସେଆଡ଼େ ନିର୍ବାଚନ୍ ମଣ୍ଡଲୀର୍ ସମ୍ବେଦନ୍ଶୀଲ୍ ବୁଥ୍ ମାନ୍କର୍ ବାବ୍ଦେ ଆଏଜ୍ ଜିଲ୍ଲା ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆଉ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କୁ ସେକ୍ଟର୍ ଅଧିକାରୀମାନେ ତଥ୍ୟ ଦେଇଛନ୍ । ଜିଲ୍ଲାର୍ କୋମ୍ନା ବ୍ଲକ୍ର ସୁନାବେଡ଼ା ଅଭୟାରଣ୍ୟ, ପାହାଡ଼ିଆ ଇଲାକା ଆଉ ମାଓବାଦୀପ୍ରବଣ୍ ଇଲାକାମାନ୍କର୍ ୪୭ ଟା ବୁଥ୍ ଅତି ସମ୍ବେଦନ୍ଶୀଲ୍ ବଲିକରି ଇ ଅବ୍ସରେ ଜିଲ୍ଲାପାଲ୍ଙ୍କୁ ସୂଚ୍ନା ଦିଆଯାଇଛେ ।

ପିଏମ୍ ଗତିଶକ୍ତି ଆର୍‌ଏନ୍‌ୟୁ ସମ୍ବଲପୁର୍

ବହୁମୁଖୀ ଯୋଗାଯୋଗ ବ୍ୟବସ୍ଥା ଲାଗି ପିଏମ୍ ଗତିଶକ୍ତି - ଜାତୀୟ ମାଷ୍ଟର୍ ପ୍ଲାନ୍ କେ ଆଏଜ୍ ୪ ବଛର୍ ପୁରିଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୧ ଅକ୍ଟୋବର୍ ୧୩ ତାରିଖ୍ ଦିନ ଇ ବ୍ୟବସ୍ଥାର୍ ଶୁଭାରମ୍ଭ୍ କରିଥିଲେ । ପିଏମ୍ ଗତିଶକ୍ତି ଅଧୀନ୍‌ଥି ରେଲ୍, ସଡ଼କ୍ ଆର୍ ରାଜପଥ, ପେଟ୍ରୋଲିୟମ୍ ଆର୍ ଗ୍ୟାସ୍, ବିଦ୍ୟୁତ୍, ଟେଲି ଯୋଗାଯୋଗ, ପରିବହନ ଆର୍ ବିମାନ୍‌ଚଲାଚଲ୍ ବିଭାଗ୍ ସହେତେ କେନ୍ଦ୍ର ସର୍‌କାର୍‌ଙ୍କର୍ ୫୮ ଟା ମନ୍ତ୍ରଣାଳୟ ଆଉ ବିଭାଗ୍ ଆର୍ ୩୬ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଏକ୍‌ଠାନିଆ ହେଇକରି ଦେଶର୍ ଭିତିଭୂମି ନିର୍ମାଣ୍ ଲାଗି ଶକ୍ତିର୍ ଆଦାନ୍ ପ୍ରଦାନ୍ କରିପାରୁଛନ୍ । ସେନ୍ତା ଗତିଶକ୍ତି ବହୁମୁଖୀ ଯୋଗାଯୋଗ ଜରିଆଥି ଇ ମାଷ୍ଟର୍ ପ୍ଲାନ୍ ୟୁଆନ୍‌ବର୍ଗ ଆର୍ ଆଏବା ପିଢ଼ି ଲାଗି ନିଯୁକ୍ତି ସୁଯୋଗ୍ ୟୁଗେଇ ଦେଇଛେ ।

ଅର୍ଥନୀତି -ନୋବେଲ୍ ପୁରସ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

ଦି ରୋୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସେସ୍ ତର୍‌ଫୁ ଆଏଜ୍ ଅର୍ଥନୀତି ଲାଗି ନୋବେଲ୍ ପୁରସ୍କାର୍ -୨୦୨୫ ଘୋଷ୍‌ନା

କରାଯାଇଛେ । ଆମେରିକାର୍ ନର୍ଥ ଓ୍ୱେଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଲୟର୍ ଅର୍ଥନୀତିଜ୍ଞ ଜୋଏଲ୍ ମୋକିର୍, ଫ୍ରାନ୍ସର ବିଶିଷ୍ଟ ଅର୍ଥନୀତିଜ୍ଞ ଫିଲିଓ ଅଘିଓନ୍ ଆଉ ଆମେରିକାର୍ ପିଟର୍ ହୋଓ୍ୱିଟ୍ ଇ ବଛର୍ ସମ୍ମାନ୍ ଜନକ୍ ନୋବେଲ୍ ପୁରସ୍କାର୍ ପାଏବେ । ଅର୍ଥନୈତିକ୍ ଅଭିବୃଦ୍ଧିର୍ ବ୍ୟାଖ୍ୟାର୍ ଲାଗି ମୋକିର୍‌ଙ୍କୁ ଆଉ ସୃଜନଶୀଳତା ଦିଗେ ନିରନ୍ତର୍ ଅଭିବୃଦ୍ଧିର୍ ତତ୍ୱ ଲାଗି ଫିଲିପ୍ ଆର୍ ପିଟର୍‌ଙ୍କୁ ନୋବେଲ୍ ପୁରସ୍କାର୍ ଲାଗି ମନୋନୀତ୍ କରାଯାଇଛେ ।

ଜିଏମ୍‌ୟୁ- ଭାବାକେନ୍ଦ୍ର ରାଜିନାମା   ସମ୍ବଲପୁର ସମ୍ବାଦଦାତା

ଦେଶର୍ ସବୁନୁ ବଡ଼ ଆଣବିକ ଗବେଷଣା ପ୍ରତିଷ୍ଠାନ୍ ମୁମ୍ବାଇର୍ ଭାବା ଆଣବିକ ଗବେଷଣା କେନ୍ଦ୍ରର୍ ସହଭାଗିତାଥି ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ-ଜିଏମ୍‌ୟୁ ନ କୃଷି ଆଉ ଗ୍ରାମୀଣ ପ୍ରଯୁକ୍ତିବିଦ୍ୟା ଭିତିକ ଅତ୍ୟାଧୁନିକ୍ ସୁବିଧା ଥିବା ଉଦ୍ୟମିତା କେନ୍ଦ୍ର ଥାପ୍‌ନା ହେବାର୍‌କେ ଯାଉଛେ । ଇ ବାବ୍‌ଦେ ଗବେଷଣା କେନ୍ଦ୍ର ଆଉ ବିଶ୍ୱବିଦ୍ୟାଳୟ ଭିତ୍‌ରେ ଆଏଜ୍ ଚୁକ୍ତିନାମା ସ୍ୱାକ୍ଷରିତ୍ ହେଇଛେ । ଜିଏମ୍‌ୟୁ ପରିସର୍ ନ ବିଶ୍ୱବିଦ୍ୟାଳୟ କୁଳପତି ଆଉ ଗବେଷଣା କେନ୍ଦ୍ର ଅଧିକାରୀଙ୍କର୍ ଭିତ୍‌ରେ ଇ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଯୋଜ୍‌ନା ଅନ୍‌ସାରେ ପହେଲା ଖେପେ ଜିଏମ୍‌ୟୁ ନ ଆକୃତି କେନ୍ଦ୍ର କାର୍ଯ୍ୟକ୍ଷମ୍ ହେବା । ତାର୍ ଉତ୍‌ରୁ

ଗବେଷଣା କେନ୍ଦ୍ର ତର୍ଫୁ ବିଶ୍ୱବିଦ୍ୟାଲୟକେ ପାଖାପାଖି ୧୦ ଟା ଅତ୍ୟାଧୁନିକ୍ କୃଷି ଆଉ ଗ୍ରାମୀଣ ପ୍ରଯୁକ୍ତି ବିଦ୍ୟା ଦରବ୍ ମାହାଲିଆ ଦିଆଯିବା । ସେନ୍ତା ଇତାର୍ ଜରିଏ ବିଶ୍ୱବିଦ୍ୟାଲୟର୍ ପ୍ରାଧ୍ୟାପକ ମାନ୍‌କୁ ଭିନ୍ ଭିନ୍ ପ୍ରଯୁକ୍ତି ବିଦ୍ୟା ତାଲିମ୍ ଦିଆଯିବା ଆଉ ପ୍ରାଧ୍ୟାପକମାନେ ଛାତ୍ରଛାତ୍ରୀମାନ୍‌କୁ ତାଲିମ୍ ଦେବେ ।

ବାର୍ଷିକ ଟେରାକୋଟା ପ୍ରଦର୍ଶନୀ କାର୍ଯ୍ୟକ୍ରମ୍/ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାନେ ହସ୍ତତନ୍ତ ଆଉ ବୟନ ଶିଳ୍ପ ବିଭାଗ୍ ତର୍ଫୁ ବାର୍ଷିକ ଟେରାକୋଟା ପ୍ରଦର୍ଶନୀ କାର୍ଯ୍ୟକ୍ରମ୍ ମୃତିକା-୨୦୨୫ ଆଏଜ୍‌ଠାନୁ ମୁଲ୍ ହେଇଛେ । ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଛନ୍ । ଆଏବା ୧୯ ତାରିଖ୍‌ତକ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ଘର୍‌ସଜା ଦରବ୍ ଆର୍ ଫିଂ' ଦିନିଆ ବେଭାର୍ ହେଉଥିବା ଟେରାକୋଟା ଦରବ୍‌ର ପ୍ରଦର୍ଶନ୍ ସହେତେ ସାଂସ୍କୃତିକ କାର୍ଯ୍ୟକ୍ରମ୍‌ମାନ୍ ଭିଲ୍ ହେଉଛେ ।

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି  ସମ୍ବଲପୁର/ବରଗଡ଼/ଦେବଗଡ଼/ସୁବର୍ଣ୍ଣପୁର ସମ୍ବାଦଦାତା

ପର୍ଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ହେଇଯାଇଛେ ।

ସମ୍ବଲ୍ପୁର୍ ଜିଲ୍ଲା ରେଙ୍ଗାଲି ବ୍ଲକ୍ କାର୍ଯ୍ୟାଲୟ ନ ହେଇଥିବା ଜନଶୁଣାଣି ଶିବିର୍ଥି ୫୬ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୮ ଟା ଅଭିଯୋଗ୍ର ତୁର୍ତି ସମାଧାନ୍ କରାଯାଇଥିଲା । ରେଡ଼କ୍ରସ୍ ଅଧୀନ୍ଥି ୩ ଝନ୍କୁ ୧୪ ହଜାର୍ ଟଙ୍କାର୍ ସାହାଜ୍ ଦିଆଯାଇଥିଲା ।

ଦେବ୍ଗଡ଼୍ ଜିଲ୍ଲା ବାର୍କୋଟ୍ ବ୍ଲକ୍ ପଂଚାୟତ୍ ସମ୍ମିଳନୀ କକ୍ଷ ନ ହେଇଥିବା ଜନଶୁଣାଣି ଶିବିର୍ଥି ୪୦ ଟା ଅଭିଯୋଗ୍ ଆସିଥିଲା ।

ବର୍ଗଡ଼୍ ଜିଲ୍ଲା ପଦ୍ମପୁର୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଜନଅଭିଯୋଗ୍ ଶୁଣାଣି ଶିବିର୍ଥି ୩୧ ଟା ଅଭିଯୋଗ୍ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍କା ବ୍ଲକ୍ ସଂକରା ପଂଚାୟତ୍ କାର୍ଯ୍ୟାଲୟ ଠାନେ ହେଇଥିବା ଜନଶୁଣାଣି ଶିବିର୍ଥି ଶହେ ୮୭ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ

ଅଭିଯୋଗ୍ ମାନ୍କୁ ଗ୍ରହଣ୍ କରିକରି ତୁର୍ତି ସମାଧାନ୍

କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍‌ଠାନୁ ରାଏଜୁ ଦକ୍ଷିଣ ପଶ୍ଚିମ ମୌସୁମୀ ଫିର୍‌ବାର୍ ଲାଗି ପାଗ୍ ଠିକ୍ ରହିଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚନା ଦିଆଯାଇଛେ । ରାଜ୍ୟର୍ ସମ୍ବଲ୍‌ପୁର୍, ଦେବ୍‌ଗଡ୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ଜିଲ୍ଲା ନ ଆଏଜ୍ ମୌସୁମୀ ଫିର୍‌ବାର୍ ମୁଲ୍ ହେଇଛେ । ଆଏବା ୨ /୩ ଦିନ୍ ଭିତ୍‌ରେ ବାକି ଇଲାକାନୁ ଭିଲ୍ ମୌସୁମୀ ଫିର୍‌ବା । ଓଡ଼ିଶା ସହେତେ ପଶ୍ଚିମବଙ୍ଗ୍ ଆଉ ତେଲେଙ୍ଗାନାର୍ କିଛିଟା ଇଲାକା ନୁ ମୌସୁମୀ ଫିର୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ଗଲା ୧୬ ବଛର୍ ଉତ୍‌ରୁ ଇ ବଛର ମେ ମାସର୍ ୨୮ ତାରିଖ୍ ଦିନ ମୌସୁମୀ ଓଡ଼ିଶାକେ ଛୁଇଁଥିଲା ଆଉ ବର୍ଷା ସ୍ୱାଭାବିକ୍ ରହିଥିଲା ।

ସେଆଡ଼େ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।